## ସଂକ୍ଷେପରେ

### ବସ୍ ଧକ୍କାରେ ଜଣେ ମୃତ

ଦିଗପହଣ୍ଡି,୧୪।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ସନ୍ଥ ଅରକ୍ଷିତ ଦାସ ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ଏକ ଘରୋଇ ଯାତ୍ରୀବାହୀ ବସ୍ (ନଂ. ଓଡ଼ି୦୨ଏଡି–୮୯୫୭) ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ଜେ.ହରିକୃଷ୍ଣ ଦୋରା(୫୦)। ଶନିବାର ପୂର୍ବାହ୍ନ ୧୦ଟାରେ ଦିଗପହଣ୍ଡିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏହି ବସ୍‌ଟି ଦ୍ରୁତ ଗତିରେ ଆସି ରାସ୍ତାରେ ଯାଉଥିବା ହରିକୃଷ୍ଣଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ବସକୁ ପୋଲିସ ଜବତ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସାମାନ୍ୟ ବଚସାରୁ ଆକ୍ରମଣ, ୨ ଗିରଫ

ବେଲଗୁଣ୍ଠା,୧୪।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ସରନୁଆପଲ୍ଲୀ ଗ୍ରାମରେ ସାମାନ୍ୟ କଥା କଟାକଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛଇ। ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସରନୁଆପଲ୍ଲିର ମାନସ ରଞ୍ଜନ ଗୌଡ଼ (୧୯) ଓ ଦୀପକ ଗୌଡ଼। ଗତ ୧୧ ତାରିଖରେ ସରନୁଆପଲ୍ଲୀ ଗ୍ରାମର ରାଜା ନାୟକଙ୍କ ସହ କୌଣସି ଏକ କଥାକୁ ନେଇ ସେହି ଗ୍ରାମର ମାନସ ଓ ଦୀପକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତମାନେ ରାଜାଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ରାଜାଙ୍କ ଅଭିଯୋଗ କ୍ରମେ ପୋଲିସ ଏହାର ତଦନ୍ତ କରି ମାନସ ଓ ଦିପକଙ୍କୁ ଗିରଫ କରିଛି। କେସ୍ ନଂ. ୯୨/୨୬।

### ଶ୍ରୀ ମହାମାୟୀ ଗଣନାଟ୍ୟର ବହିପୂଜା

କବିସୂର୍ଯ୍ୟନଗର,୧୪।୩ (କୃପାସିନ୍ଧୁ ସ୍ୱାଇଁ)

ଦଣ୍ଡନାଚ ପାଇଁ ଗଞ୍ଜାମ ଜିଲା ଚଳଚଞ୍ଚ। କବିସୂର୍ଯ୍ୟନଗର ୩ଟି ଦଣ୍ଡନାଚ ମଧ୍ୟରୁ ଧୋବାପୁଞ୍ଜାର ମହାମାୟୀ ଗଣନାଟ୍ୟ ଅନ୍ୟତମ। ଶୁକ୍ରବାର ସନ୍ଧ୍ୟାରେ ଧୋବାପୁଞ୍ଜା କୋଠଘରେ ନାଟ୍ୟ କମିଟି, ସାହିବାସିନ୍ଦାଙ୍କ ଉପସ୍ଥିତରେ ଗଣନାଟ୍ୟର ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ସାମାଜିକ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ' ବହିପୂଜା ହୋଇଛି। ଏଥିରେ ଅତିଥି ଭାବେ ଗଞ୍ଜାମ ଜିଲା ଦଣ୍ଡନାଚ ମହାସଂଘ ସଭାପତି ବ୍ରଜସୁନ୍ଦର ମଲିକ, ଏନଏସି ଅଧ୍ୟକ୍ଷ ବିକ୍ରାନ୍ତ ସାହୁ, ସୂର୍ଯ୍ୟ ନାରାୟଣ ନାୟକ, ମୁରଲୀଧର ସେଠୀ ଯୋଗ ଦେଇଥିଲେ। କୋଠ ଘରେ ବହିପୂଜା ସାରିବା ପରେ ସମସ୍ତେ ମା' ମହାମାୟୀଙ୍କ ମନ୍ଦିରକୁ ଦର୍ଶନ ଲାଗି ଯାଇଥିଲେ। ନାଟକର ନିର୍ଦ୍ଦେଶକ ଭାବେ ସୁବାସ ଚନ୍ଦ୍ର ପଣ୍ଡା, ସଭାପତି ବିଦ୍ୟୁଭୂଷଣ ସେଠୀ, ମୁଖ୍ୟ ପରିଚାଳକ ବଳରାମ ସେଠୀ, ପରିଚାଳକ ପ୍ରଫୁଲ୍ଲ ବେହେରା, ଅଧିକାରୀ ଗୌରହରି ବେହେରା, ନାଟ୍ୟ ପରିଚାଳକ ରୂପେ ଦଣ୍ଡପାଣି ସେଠୀ ରହିଛନ୍ତି। ଆସନ୍ତା ୨୫ରୁ ୨୧ ଦିନିଆ ଦଣ୍ଡ ଗଞ୍ଜାମ ଜିଲା, ଓ ଅନ୍ୟ ଜିଲାରେ ଆରମ୍ଭ ହେବ। ରାତିରେ ନାଟକ ପରିବେଷଣ ହେବ।

### ନୋ ପେନସନ୍ ବିରୋଧୀ ନୀତିକୁ ବିରୋଧ

ଆସିକା, ୧୪।୩ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଶନିବାର ପେନସନ ଭୋଗୀଙ୍କୁ ଅଷ୍ଟମ ବେତନ କମିଶନରୁ ବଞ୍ଚିତ କରାଯିବା ନିଷ୍ପତ୍ତିର ପ୍ରତିବାଦରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସିକା ବାଣୀବିହାରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସଂଘ ସଭାପତି ଗଣେଶ ରଥ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ମହାପାତ୍ର, ରାଜେଶ୍ୱର ପାତ୍ର, ଉପେନ୍ଦ୍ର ନାୟକ, ମିହିରକାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ଭେଲିଡେଶନ୍ ଆକ୍ଟ ପାରିତ କରି ପେନସନ୍ ଭୋଗୀଙ୍କୁ ଅଷ୍ଟମ ବେତନ କମିଶନରୁ ବଞ୍ଚିତ କରିବା ଲାଗି ଯେଉଁ ଚକ୍ରାନ୍ତ କରାଯାଇଛି ବୈଠକରେ ଏହାର ତୀବ୍ର ନିନ୍ଦା କରାଯାଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୨୫ରେ ଆସିକା ତହସିଲ କାର୍ଯ୍ୟାଳୟଠାରେ ସଂଘ କର୍ମକର୍ତ୍ତା ଧାରଣା ଦେବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

# ଛତ୍ରପୁରରେ ୭୩, ଭଞ୍ଜନଗରରେ ୨୪୬, ମାମଲା ଫଇସଲା

ଛତ୍ରପୁର/ଭଞ୍ଜନଗର୧୪।୩
(ଦିଲୀପ ସାମଲ/ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରା ଜଜ ପ୍ରଦୀପ କୁମାର ସାମଲ , ସିନିୟର ସିଭିଲ ଜଜ୍ ପୂଜା ଦେ , ଏସ୍‌ଡିଜେଏମ୍ ପ୍ରୀତିଶ କୁମାର ରଥ ଓ ଜେଏମ୍‌ଏଫ୍‌ସି ସାଗତିକା ସ୍ୱାଇଁ ଉପସ୍ଥିତ ରହି ୭୩ଟି ମାମଲାର ଫଇସଲା କରି ମୋଟ ୧ କୋଟି ୧୩ ଲକ୍ଷ ୨୦ ହଜାର ୯୩୧ ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ୧୦ଟି ଅନ୍ୟାନ୍ୟ ସିଭିଲ ମାମଲାରେ ୯୮ ଲକ୍ଷ ୩୧ହଜାର ୯୧୦ ଟଙ୍କା, ଗୋଟିଏ ବ୍ୟାଙ୍କ ମାମଲାରେ ୪ଲକ୍ଷ ୮୯ହଜାର ୨୧ ଟଙ୍କା ଏବଂ ୨ଟି ବୈବାହିକ ମାମଲାର ଫଇସଲା କରି ୧୦ ଲକ୍ଷ ଟଙ୍କା ଆଦାୟ ନିମନ୍ତେ ନିର୍ଦ୍ଦେଶ ହୋଇଛି । ଏଥିସହ ଗୋଟିଏ ମୋଟର ଦୁର୍ଘଟଣାଜନିତ ମାମଲା, ୭ଟି କ୍ରିମିନାଲ କମ୍ପାଉଣ୍ଡବେଲ ଏବଂ ୫୨ଟି କ୍ରିମିନାଲ ମାମଲାର ଫଇସଲା ହୋଇଛି । ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ସରକାରୀ ଓକିଲ ପ୍ରଦୀପ ପାଢ଼ୀ, ଗଙ୍ଗାଧର ପଣ୍ଡା,ବାବୁ ନାହାକଙ୍କ ସମେତ ଆଇନଜୀବୀମାନେ ମାମଲାଗୁଡିକର ପରିଚାଳନା କରିଥିଲେ।



ଭଞ୍ଜନଗର ଲୋକ ଅଦାଲତରେ ବିଚାପତିମାନେ ମାମଲାଗୁଡିକର ବିଚାର କରୁଛନ୍ତି।

ଭଞ୍ଜନଗର ସିଭିଲ କୋର୍ଟ ପ୍ରାଙ୍ଗଣରେ ହୋଇଥିବା ଜାତୀୟ ଲୋକ ଅଦାଲତରେ ଭଞ୍ଜନଗର ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ସେଖ ମହମ୍ମଦ କଏସ ଅଧ୍ୟକ୍ଷତା କରିଥିଲେ। ସିନିୟର ସିଭିଲ ଜଜ୍ ଦେବାଶିଷ ବିଶୋୟୀ, ଏସ୍‌ଡିଜେଏମ ସୌମ୍ୟରଞ୍ଜନ ପୃଷ୍ଟି ଓ ଜେଏମ୍‌ଏଫ୍‌ସି ଭିୟେନା ନାୟକ ଉପସ୍ଥିତ ରହି ବିଭିନ୍ନ ବେଞ୍ଚ ମାଧ୍ୟମରେ ମାମଲାଗୁଡିକର ଫଇସଲା କରିଥିଲେ। ଲୋକ ଅଦାଲତରେ ମୋଟ ୩୬୭ଟି ମାମଲା ଗ୍ରହଣ କରାଯାଇଥିଲା। ସେଥିରୁ ୨୪୬ଟି ମାମଲା ଫଇସଲା ହୋଇଥିଲା। ଏଥିରୁ ୩୪,୭୫,୯୬୫ ଟଙ୍କାର ସମ୍ପତି ରାଶି ନିର୍ଦ୍ଧାରଣ ହୋଇଥିଲା। ଏନଆଇ ଆକ୍ଟ (ଧାରା ୧୩୮) ସମ୍ବନ୍ଧୀୟ ୨ଟି ମାମଲାର ସମାଧାନ ହୋଇ ୧୨,୦୭,୬୯୮ ଟଙ୍କା, ୪ଟି ମନି ରିକଭରି ମାମଲା ସମାଧାନ ହୋଇ ୫,୬୮,୨୬୭ ଟଙ୍କା, ୨ଟି ମୋଟର ଦୁର୍ଘଟଣା କ୍ଲେମ ମାମଲାର ସମାଧାନ ହୋଇ ୧୨,୦୦,୦୦୦ ଟଙ୍କା, ଗୋଟିଏ ପରିବାରିକ ବିବାଦ ମାମଲା, ୭ଟି ଅନ୍ୟାନ୍ୟ ସିଭିଲ ମାମଲାର ସମାଧାନ ହୋଇ ୫,୦୦,୦୦୦ ଟଙ୍କା, ୨୩୦ଟି ଆପରାଧିକ ମାମଲାର ସମାଧାନ ହୋଇଥିଲା। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଭାବେ ଆଇନଜୀବୀ ରମେଶ ଚନ୍ଦ୍ର ପଣ୍ଡା ଓ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟସ୍ଥତା ମାଧ୍ୟମରେ ମାମଲାଗୁଡିକର ସମାଧାନ କରିଥିଲେ। ଏଥିରେ ଆଇନ ସେବା କମିଟି ସଦସ୍ୟ ଅଳକା ମଞ୍ଜରୀ ପଟ୍ଟନାୟକ ସହଯୋଗ କରିଥିଲେ। ଭଞ୍ଜନଗର ବାର ଆସୋସିଏସନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ସମ୍ପାଦକ ଜ୍ୟୋତିରାଜ ପତି, ଏସଡିପିଓ ସନ୍ତୋଷ ନାୟକ, ଆଇନଜୀବୀ ସନ୍ତୋଷ ତିଆଡି, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବଂଶୀଧର ପ୍ରଧାନ, ରବୀନ୍ଦ୍ରନାଥ ଦାସ, ରଜନୀ ପଟ୍ଟନାୟକ ଓ ସମୀର ନାୟକ, କୋର୍ଟ କର୍ମଚାରୀ ଅଙ୍କନ ପ୍ରଧାନ, ସୁନୀଲ ମୁଦୁଲି, ପବିତ୍ର ପ୍ରଧାନ ପରିଚାଳନା କରିଥିଲେ ।

# ଖମ୍ବେଶ୍ୱରୀଙ୍କ ମନ୍ଦିରରୁ ଚୋରି

ଆସିକା, ୧୪।୩ (ସୁରେନ୍ଦ୍ର ନାଥ ସାହୁ):

ଆସିକାର ଆରାଧ୍ୟ ଦେବୀ ମା'ଖମ୍ବେଶ୍ୱରୀଙ୍କ ମନ୍ଦିରରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମା'ଙ୍କ ବିଜେ ବଖରାର ତାଲା ଭାଙ୍ଗି ମନ୍ଦିରେ ଭିତରେ ପଶି ଖମ୍ବେଶ୍ୱରୀଙ୍କ ମୂର୍ତ୍ତିରେ ଲାଗିଥିବା ନାକ, କାନ, ଆଖି, ଜିଭ ଆଦି ନେଇ ଯାଇଛି। ତେବେ ମନ୍ଦିର ଭିତରେ ବହୁ ମୂଲ୍ୟବାନ ରୂପା, ଅଳଙ୍କାର ସବୁ ରହିଥିଲା ବେଳେ ଦୁର୍ବୃତ୍ତ ଏଥିରୁ କୌଣସି ଜିନିଷ ନେଇ ନ ଥିବାରୁ ଚୋରିକୁ ନେଇ ସନ୍ଦେହ ସୃଷ୍ଟି ପ୍ରକାଶ ପାଇଛି । ଶନିବାର ସକାଳେ ମନ୍ଦିର ପୂଜକ କବାଟ ଖୋଲା ଥିବା ଦେଖି ପରିଚାଳନା କମିଟି ଦୃଷ୍ଟିକୁ ଆଣିଥିଲେ। ପରିଚାଳନା କମିଟି ସଭାପତି ସତ୍ୟ ନାରାୟଣ ସ୍ୱାଇଁ, ସମ୍ପାଦକ ସଚ୍ଚିଦାନନ୍ଦ ଖଟାଇ, ପୂଜକ ତଥା ସଦସ୍ୟ ମନୋଜ ମୁନି ମନ୍ଦିରକୁ ଆସି ଚୋରି ହୋଇଥିବା ଦେଖି ପୋଲିସକୁ ଜଣାଇଥିଲେ। ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ଥାନା ଅଧିକାରୀ ସୁଧୀର ସାହୁ ମନ୍ଦିରରେ



ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ମନ୍ଦିର ପରିସରରେ ୯ଟି ସିସିଟିଭି କ୍ୟାମେରା ରହିଥିଲା ବେଳେ ଦୁର୍ବୃତ୍ତ ୬ଟି କ୍ୟାମେରାର ସଂଯୋଗ କାଟିଦେଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ, ଗତ ୨ଦିନ ତଳେ ଆସିକା ସହର ଉପକଣ୍ଠ ସୁବର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରରେ ରହିଥିବା ଏକ ହୁଣ୍ଡିକୁ ଦୁର୍ବୃତ୍ତ ଭାଙ୍ଗି ଟଙ୍କା ଲୁଟି ନେଇଥିଲେ।

# ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ହାତ ଖାଲି

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ଘଟଣା

ଚିକିଟି,୧୪।୩(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ପୋଲସରା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଆସି ପଦ୍ମାଙ୍କ ଘରେ ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ଖବରରୁ ଜଣାପଡିଛି ଆସି ପଦ୍ମାଙ୍କ ପରିବାର ଲୋକେ ଖାଇସାରି ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ବାଡ଼ି ପଟୁ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ଆଲମିରାରୁ ୩୦ ଭରି ସୁନାର ଅଳଙ୍କାର, ୧୦ ଭରି ରୁପାର ଅଳଙ୍କାର ସହ ୧୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଶୁକ୍ରବାର କେ. ନୂଆଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ନଂ. ୭୩/ ୨୬ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। କେ ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ, ଚିକିଟି ଫାଣ୍ଡି ଅଧିକାରୀ ଗୌତମ ସାହୁ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ତେବେ ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ହାତ ଖାଲି ରହିଛି। ପୋଲିସ ଅଭିଯୁକ୍ତମାନଙ୍କୁ ଠାବ କରିପାରିନାହିଁ।

# ଗୋଟିଏ ଦିନରେ ବାରୁଣୀସ୍ନାନ, ତାରାତାରିଣୀଙ୍କ ଚୈତ୍ରଯାତ୍ରା

ପୁରୁଷୋତ୍ତମପୁର,୧୪।୩ (ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକରେ ଚଳିତବର୍ଷ ଗୋଟିଏ ଦିନରେ ବାରୁଣୀସ୍ନାନ ଓ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ପଡୁଛି। ଗୋଟିଏ ଦିନରେ ୨ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପଡୁଥିବାରୁ ଏହାକୁ କିପରି ସୁଚାରୁରୂପେ ତୁଲାଇବ ସେନେଇ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ଏନେଇ ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଛି। କିପରି ଦୁଇଟି ଯାତ୍ରାକୁ ପରିଚାଳନା କରାଯିବ ସେଥିନେଇ ଆଲୋଚନା ହୋଇଥିଲା। ତାରାତାରିଣୀ–ଆଛୁଲି–ପ୍ରତାପୁର ରାସ୍ତା ଖାଲଖମା ହୋଇ ପଡିଥିବାରୁ ଶ୍ରଦ୍ଧାଳୁମାନେ ହଇରାଣ ହେବେ। ଏହାକୁ ଗୁରୁତ୍ୱ ଦେଇ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶେଷ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ଉଭୟ ଯାତ୍ରାରେ ବହୁ




ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସଂଖ୍ୟାରେ ଜନସମାଗମହେବାକୁ ଥିବାରୁ ଆଇନଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଉପଜିଲାପାଳ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତାପୁର ଋଷିକୁଲ୍ୟା ନଦୀ ବାରୁଣୀ ଘାଟରେ ଆଲୋକି ରଣ କରିବା, ଋଷିକୁଲ୍ୟା ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ଲାଗି ବାରୁଣୀ ଘାଟଠାରେ ଖୋଳା ଯାଇଥିବା ବିରାଟ ଖାଲରେ ପାଣି ଭର୍ତ୍ତିହୋଇ ବିପଦପୂର୍ଣ୍ଣ ଭାବେ ରହିଛି। ଏହାର ଚତୁଃପାର୍ଶ୍ୱରେ ବେରିକେଟ ନିର୍ମାଣ କରିବା, ନଦୀ ପଠା ଓ ନିକଟସ୍ଥ ଅଞ୍ଚଳରେ ଚାଲିଥିବା ଚୋରା ମଦ କାରବାରକୁ ରୋକିବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ କରିବା, ପରିମଳ ବ୍ୟବସ୍ଥା, ତାରାତାରିଣୀ ପାହାଡ ତଳୁ ଉପରକୁ ଯାତାୟାତ ଲାଗି ଅଧିକ ବସ୍ ନିୟୋଜିତ କରିବା, ଅଧିକା ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବା ନେଇ ପଦକ୍ଷେପମାନ ନେବାକୁ ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଏସ୍‌ଡିପିଓ ସୁଜିତ ନାୟକ, ଏବିଡିଓ ଜୟଶ୍ରୀ ନାୟକ, ଏନଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା,ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ତୁମ୍ବେଶ୍ୱର ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା, ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍କୁଟି ଡ଼ିକିରୁ ୨ ଲକ୍ଷ ଲୁଟ୍, ଥାନାରେ ମାମଲା

ଗୋପାଳପୁର,୧୪।୩
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ଏକ ଢ଼ାବା ହୋଟେଲ ମ୍ୟାନେଜର ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ସ୍କୁଟିରେ ଫେରୁଥିବା ବେଳେ ପୁରୁଣା କନିସି ତହସିଲ ରୋଡ଼ରେ କେହି ଦୁର୍ବୃତ୍ତ ସ୍କୁଟି ଡ଼ିକିରେ ଥିବା ୨ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଅନୁସାରେ, ଗୋଶାଣୀନୂଆଗାଁ ଥାନା ଅଧୀନ ଖଜୁରିଆ ଗ୍ରାମର ନିରଞ୍ଜନ ସାସମଲ କନିଷି ଢ଼ାବାରେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ଅପରାହ୍ନ ସାଢେ ୩ଟା ବେଳେ ନିରଞ୍ଜନ ହଳଦିଆପଦର ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖାରୁ ଚେକ୍ ମାଧ୍ୟମରେ ୨ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡ଼ିକିରେ ରଖି ତହସିଲ ରୋଡ଼ ସ୍ଥିତ ଏକ ଦଲିଲ ଲେଖାଳି ନିକଟକୁ ଯାଇଥିଲେ। ସେଠାରେ ଦଲିଲ ଲେଖାଳି ନ ଥିବାରୁ ସ୍କୁଟିକୁ ପାର୍କିଂ କରି ଫୋନରେ କିଛି ସମୟ କଥା ହୋଇ ପୁଣି କନିଷି ଢ଼ାବାକୁ ଯାଇ ସ୍କୁଟି ଡ଼ିକି ଖୋଲି ଦେଖିଲେ ଡ଼ିକିରେ ୨ ଲକ୍ଷ ଟଙ୍କା ନଥିଲା। ଯାହା ଫଳରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏନେଇ ନିରଞ୍ଜନ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଥାନା କେଶ୍ ନଂ. ୧୦୬/୨୬ ପୋଲିସ ତଦନ୍ତ ଆରମ୍ଭ କରିବା ସହ ବ୍ୟାଙ୍କ ବନ୍ଦ ରହିଥିବାରୁ ରାସ୍ତାରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ଏବଂ ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରହିଥିବା ତଦନ୍ତ ଅଧିକାରୀ ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ କହିଛନ୍ତି।

# ପିଏମଶ୍ରୀ ଅନନ୍ତ ନାରାୟଣ ସଂଯୁକ୍ତ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଧରାକୋଟ,୧୪।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ମୁଣ୍ଡମରାଇସ୍ଥିତ ପିଏମଶ୍ରୀ ଅନନ୍ତ ନାରାୟଣ ସଂଯୁକ୍ତ ବିଦ୍ୟାପୀଠର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଅନର୍ଘ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଧରାକୋଟ ରାଜା ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଲକ୍ଷଣା ଗିତାଞ୍ଜଳୀ ଦେବୀ, ସତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ବିଇଓ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବିଇଓ ଲିଙ୍ଗରାଜ ସ୍ୱାଇଁ ,ସରପଞ୍ଚ ଅଭିମନ୍ୟୁ ସେଠୀ, ସମିତି ସଭ୍ୟା ମାନିନୀ ପାତ୍ର,ସିଆରସିସି ପ୍ରମୋଦ ସେଠୀ, ପ୍ରାକ୍ତନ ଏବିଇଓ ସୀମାଞ୍ଚଳ ବେହେରା, ଜିଡିପଲି ପ୍ରଧାନ ଶିକ୍ଷୟତ୍ରୀ ଛାୟା ଦେବୀ ଉପସ୍ଥିତ ଥିଲେ। ଗୁଣାତ୍ମକ ଶିକ୍ଷା, ଚରିତ୍ର ଗଠନ, କର୍ମଠ ହେବାପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ମାନେ ନିଜ ଉଦ୍ୟମରେ ମାଥ୍ ସର୍କଲ ଓ ସାଇନ୍ସ ସର୍କଲ ଦ୍ୱାରା ବିଭିନ୍ନ ନମୁନା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଦିଲ୍ଲୀପ ପାହାନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ଖଲ୍ଲିକୋଟ,୧୪।୩(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ଶନିବାରଠାରୁ ଦିଲ୍ଲୀପ ପାହାନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୪ଟି ଟିମ୍ ଗେମ ଚେଞ୍ଜର, ଭିଲେଜ ୱାରିଅର, ଷ୍ଟାଇଲିସ୍ ଷ୍ଟେଲନ ଓ ଦି ପାୱାର ହିଟର ପ୍ରମୁଖ ଭାଗ ନେଇଛନ୍ତି। ପ୍ରଥମ ଦିନରେ ସାମାଜିକ କର୍ମୀ ମନୋରଞ୍ଜନ ବେହେରା ଏବଂ ରାମଚନ୍ଦ୍ର ପାହାନ, ଜୋତିଶ ନନ୍ଦ, ଶେଖର ତରେଇ, ପ୍ରଶ୍ନ ପଲେଇ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ମନୋରଞ୍ଜନ ବେହେରା ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଏହି ଗ୍ରାମରେ ସ୍ଥାୟୀ ଖେଳପଡ଼ିଆର ଉନ୍ନତି ଏବଂ ଏହାର ସୁରକ୍ଷା ପାଇଁ ସହଯୋଗ କରିବା



ନିମନ୍ତେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନର ଭିଲେଜ ୱାରିଅର ଏବଂ ଷ୍ଟାଇଲିସ ଷ୍ଟେଲନ ମଧ୍ୟରେ ଖେଳ ହୋଇଥିଲା। ସେହିପରି ପରବର୍ତ୍ତୀ ମ୍ୟାଚ୍‌ରେ ଦି ପାୱାର ହିଟର ଏବଂ ଭିଲେଜ ୱାରିଅର ବିଜୟ ଲାଭ କରିଥିଲେ। ଏହା ୪ ଦିନ ଅନୁଷ୍ଠିତ ହେବ। ବିଜୟୀ ଦଳକୁ କପ ଏବଂ ଅର୍ଥ ରାଶି ଓ ସେହିପରି ରନର୍ସ ଦଳକୁ କପ ସହ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସଦସ୍ୟ କହିଛନ୍ତି।

# ଲୋକଶକ୍ତି ଅଭିଯାନ ପରିକ୍ରମା ରଥକୁ ସମ୍ବର୍ଦ୍ଧନା

ଗଞ୍ଜାମ,୧୪।୩ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ସ୍ଥିତ ସୁବଳୟା ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ବାଲିବଗଡ଼ ଗ୍ରାମଠାରେ ପରିବେଶ ନ୍ୟାୟିକ ସୁରକ୍ଷା ରାଷ୍ଟ୍ରୀୟ ସମନ୍ୱୟ ମଞ୍ଚ, ଓଡ଼ିଶା ଲୋକଶକ୍ତି ଅଭିଯାନ ରଥକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଏହି ପରିକ୍ରମା ରଥକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷାବିତ୍ ବାନାମ୍ବର ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଦନ୍ତପୁର ଐତିହ୍ୟ ସଂସ୍କୃତି ଗବେଷଣା ପରିଷଦ ଆବାହକ ଅଶୋକ ସାହୁ, ସୁବଳୟା ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ନାଏବ ସରପଞ୍ଚ ରାକେଶ ସାହୁ, ଆଇନଜୀବୀ କୁଶ ବେହେରା, ବାଲିବଗଡ଼ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗ୍ରୀନ ନୋବଲ ବିଜେତା ଓଡ଼ିଶାର ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଉଙ୍କ ଅଭିଯାନ ଦଳର ନେତୃତ୍ୱ ନେଉଛନ୍ତି। ଆଦିବାସୀ ନେତା ନାଚିକା ଲିଙ୍ଗା, ଡ଼ ବିଶ୍ୱଜିତ୍‌ଙ୍କ ସମେତ ଓଡ଼ିଶା ଜଳ, ଜମି, ଜଙ୍ଗଲ ସୁରକ୍ଷା ପାଇଁ ସଂକଳ୍ପ ନେଇଥିବା ପରିବେଶ ସୁରକ୍ଷା କର୍ମୀ ଏଥିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୯ରେ ଶେଷ ହେବ।

# ଜଳୁଛି ଜଙ୍ଗଲ, ବିପଦରେ ପରିବେଶ



ଖଜୁରିପଡ଼ା ୧୪।୩ (ବିଦ୍ୟୁର ବେହେରା)

ଖଜୁରିପଡ଼ା ବ୍ଲକର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଘଟଣା ଏବେ ଚିନ୍ତାର ବିଷୟ ପାଲଟିଛି। ସଚେତନତାର ଅଭାବ ଏବଂ ସ୍ୱଳ୍ପ କର୍ମଚାରୀ ଓ କିଛି ଅସାମାଜିକ ବ୍ୟକ୍ତିଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଜଙ୍ଗଲ ନଷ୍ଟ ହୋଉଛି। ଖଜୁରିପଡ଼ା ଅଞ୍ଚଳର ପାବେରି, ଗାଡ଼ିଆପଡ଼ା, ପାଣ୍ଡରିସୁଗା ଜଙ୍ଗଲରେ ନିଆଁ ଲାଗି ପରିବେଶ ଧୂଆଁ ମୟ ହେବା ସହ ନିଃଶ୍ୱାସ ପ୍ରଶ୍ୱସ ନେବାରେ କଷ୍ଟ ହେଉଛି। ଏନେଇ ସଜାଗ ନ ହେଲେ ଅମୂଲ୍ୟ ଔଷଧୀୟ ଗଛଲତା ସହ ଅନେକ ସରୀସୃପ ଓ ପକ୍ଷୀ ନିଆଁରେ ଜଳି ପୋଡ଼ି ନଷ୍ଟ ହୋଇ ଯିବେ। ତେଣୁ ଜନସାଧାରଣ ଜଙ୍ଗଲ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ନିଆଁକୁ ଆୟତ୍ତ କରିବା ପାଇଁ ଜଙ୍ଗଲ ସୁରକ୍ଷା ସମିତି ସହଯୋଗ କରିବା ଦରକାର। ଜଙ୍ଗଲ କୂଳରେ ରହୁଥିବା ଲୋକମାନେ ସତର୍କ ରହିଲେ ଏବଂ ନିଆଁ ଲାଗିବା ମାତ୍ରେ ତୁରନ୍ତ କର୍ମଚାରମାନଙ୍କୁ ସୂଚନା ଦେଲେ ବଡ଼ ବିପଦ ରୋକା ଯାଇପାରିବ। ସେହିପରି ବନ ବିଭାଗ ପକ୍ଷରୁ ଗାଁଗାଁରେ ସଚେତନତା ସଭା କରାଯିବା ସହ ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା ଉଚିତ୍। 'ଜଙ୍ଗଲ ଆମ ସମ୍ପଦ, ଏହାକୁ ବଞ୍ଚାଇବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ' ଏହି ସଙ୍କଳ୍ପ ନେଇ ସମସ୍ତେ ଜଙ୍ଗଲ ସୁରକ୍ଷା ଦେବାକୁ ଆଗେଇ ଆସିବାକୁ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ପୂର୍ବତନ ସମିତି ସଭ୍ୟ ଗୌର ଚରଣ ବେହେରା, ସାମାଜିକ କର୍ମୀ ବିକାଶ ଦିଗାଲ, ବିଦ୍ୟୁର ବେହେରା ପ୍ରମୁଖ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

# ମଣ୍ଡି ନାହିଁ, ଆନ୍ଧ୍ର ବ୍ୟବସାୟୀଙ୍କୁ କମ ଦରରେ ବିକୁଛନ୍ତି ଚାଷୀ

ପାରଳାଖେମୁଣ୍ଡି,୧୪।୩
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ କପା ମଣ୍ଡି ନାହିଁ। ଫଳରେ କପାଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଦାବି କରିବା ପରେ ମଧ୍ୟ ଜିଲାରେ କପା ମଣ୍ଡିଟିଏ ଖୋଲିପାରିନି। ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ନିକଟକୁ କପା ନେଇ ଗଲେ ସେଠାରୁ ଗୁଣପୁର ପଠାଯାଇଥାଏ। ସେଠାରୁ ରାୟଗଡାସ୍ଥିତ ମଣ୍ଡିକୁ କପା ଯାଇଥାଏ। ଅନ୍ୟପକ୍ଷରେ ଯଦି ଚାଷୀ ନିଜ ଖର୍ଚ୍ଚରେ କପା ନିଅନ୍ତି ତେବେ ଗୁଣପୁର ପର୍ଯ୍ୟନ୍ତ ନେଇଥାନ୍ତି। ସେଠାରୁ ରାୟଗଡା କପା ମଣ୍ଡିକୁ କପା ଯାଇଥାଏ। ସିଧାସଳଖ ନିୟନ୍ତ୍ରିତ ବଜାରଠାରେ କପା କ୍ରୟ କେନ୍ଦ୍ର ଖୋଲି ସେଠାରୁ ଗୁଣୁପୁର ମଣ୍ଡିକୁ ପଠାଇବା ସୁବିଧା କରିବାକୁ ଚାଷୀ ଦାବି କରିଛନ୍ତି। ଏ ନେଇ କପା ଚାଷୀ ଅନେକ ଥର ଜିଲା ପ୍ରଶାସନଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନଙ୍କୁ ଜଣାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି, ତଥାପି କିଛି ସୁଫଳ ମିଳିନାହିଁ ବୋଲି ଚାଷୀ କାର୍ତ୍ତିକ ଶବର, ପ୍ରଶାନ୍ତ ମାଝୀ, ଗଣେଶ ସବର କହିଛନ୍ତି। ସରକାର କପା ମୂଲ୍ୟ କୁଇଣ୍ଟାଲ ପ୍ରତି ୭୫୦୦ ଟଙ୍କା ରଖିଛନ୍ତି। ଜିଲାରେ ମଣ୍ଡି ଅଭାବ ଯୋଗୁ କପା ଚାଷୀ ବାଧ ହୋଇ ଆନ୍ଧ୍ର ବ୍ୟବସାୟୀଙ୍କ ଶୋଷଣର ଶିକାର ହେଉଛନ୍ତି। ଚାଷୀଙ୍କ ଘର ସମ୍ମୁଖରୁ କପା ସଂଗ୍ରହ କରୁଥିବାରୁ ଚାଷୀ ଶାଗମାଛ ଦରରେ ଆନ୍ଧ୍ର ବ୍ୟବସାୟୀଙ୍କୁ କପା ବିକି ଦେଉଛନ୍ତି।

ଏ ସମ୍ପର୍କରେ ଆରଏମ୍‌ସି ଅଧ୍ୟକ୍ଷ ରେବତୀ ମୋହନ ରାଉତଙ୍କୁ ପଚାରିବାରୁ ସେ କହିଲେ, ଜିଲାର ସବୁ କପା



## କପାର ଅଭାବୀ ବିକ୍ରି

ଚାଷୀଙ୍କୁ ସୁବିଧା ଯୋଗାଇବାକୁ ସେଣ୍ଟ୍ରାଲ କଟନ କର୍ପୋରେଶନ ଅଫ ଇଣ୍ଡିଆକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କପାମଣ୍ଡି ଖୋଲିବାକୁ ଇତି ମଧ୍ୟରେ ଚିହ୍ନଟ ହୋଇଛି। ଡିପିଆର ପ୍ରସ୍ତୁତ କରି ମଧ୍ୟ ସରକାରଙ୍କ ନିକଟକୁ ପଠାଯିବା ସହ ଆସନ୍ତା ବର୍ଷ ଏଠାରେ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଚାଷୀ କହିଛନ୍ତି, ଜିଲା ସଦର ମହକୁମାରେ କପା ମଣ୍ଡି ଖୋଲିଲେ ସେମାନଙ୍କର କିଛି ଲାଭ ହେବନାହିଁ। କାରଣ ପରିବହନ ବାବଦରେ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ। ଏହାକୁ ଗୁରୁତ୍ୱ ଦେଇ କପା ଉତ୍ପାଦନ ହେଉଥିବା ରାୟଗଡ଼ ବ୍ଲକରେ କପା ମଣ୍ଡି ଖୋଲିଲେ ଚାଷୀ ଉପକୃତ ହେବୁ। ସୂଚନାଯୋଗ୍ୟ ରାୟଗଡ ବ୍ଲକର ଅଧିକାଂଶ ଚାଷୀ କପା ଚାଷ କରିଥାନ୍ତି।

